



## କେତେ ସୁରକ୍ଷିତ ରୌପ୍ୟ ନଗରୀ | ଅଧାରୁ ଅଧିକ ସିସି କ୍ୟାମେରା ଅଚଳ

- କଣ୍ଟ୍ରୋଲ୍ ରୁମ୍ ଡିସ୍‌ପ୍ଲେରେ ଦୃଶ୍ୟମାନ ହେଉନି ୩୭୦ କ୍ୟାମେରା
- ଲାଗି ରହିଛି ଅପ୍ଟିକାଲ୍ ଫାଇବର ତ୍ରୁଟି

କଟକ, ୧୪।୩(ସମିସ): ସମ୍ପ୍ରତି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସାରା ସହରରେ ଲାଗିଛି ସିସି କ୍ୟାମେରା। ଯଦିଓ କମିସନରେଟ୍ ପୁଲିସ ଏଥିନିମନ୍ତେ ଅର୍ଥ ବିନିଯୋଗ କରିନାହିଁ ସହରର ପୂଜା କମିଟି, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କାର୍ଯ୍ୟକ୍ଷମ ହେଉଛି ସହଭାଗିତା ଯୋଜନା। ଏହି ଯୋଜନା ମାଧ୍ୟମରେ ଡିସିପିଙ୍କ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ୍ ରୁମ୍‌ରେ ୫୭୭ଟି ସିସି କ୍ୟାମେରା ସିଧା ପ୍ରସାରଣ(ଲାଇଭ୍) କରାଯାଉଛି। ହେଲେ ଅଢ଼େଇ ମାସ ହେବ ୩୭୦ଟି କ୍ୟାମେରା ଅଚଳ ହୋଇପଡ଼ିଥିବା ଅଭିଯୋଗ ଉଠିଛି। କଣ୍ଟ୍ରୋଲ୍ ରୁମ୍ ସ୍କ୍ରିନ୍ ଅନ୍ଧାର ହୋଇଯାଇଥିବା ଚର୍ଚ୍ଚା ଜୋର୍ ଧରିଛି।

କମିସନରେଟ୍ ପୁଲିସ ପକ୍ଷରୁ ସିସି କ୍ୟାମେରାର ପରିଚାଳନା ନିମନ୍ତେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ କ୍ୟାମେରା ସଂଯୋଗ କରୁଥିବା ସଂସ୍ଥାର କର୍ମକର୍ତ୍ତା, ପ୍ରତ୍ୟେକ ଥାନାର ଆଇଆଇସି, ସବ୍‌ଇନ୍ସପେକ୍ଟର୍, ସମସ୍ତ ଏସିପିଙ୍କୁ ରଖାଯାଇଛି। ଟିମ୍‌ରେ ପ୍ରତ୍ୟେକ ଦିନ ସିସି କ୍ୟାମେରା ସଂକ୍ରାନ୍ତ ଅଭିଯୋଗ, ଏହାର ସମାଧାନ ଏବଂ କେଉଁ ସ୍ଥାନରେ ନୂଆ କ୍ୟାମେରା ଲଗାଯିବ ଏସବୁର ତଥ୍ୟ ଆଦାନପ୍ରଦାନ ହୋଇଥାଏ। ତେବେ ସମ୍ପୃକ୍ତ ଟିମ୍‌ରେ ସହରର ବିଭିନ୍ନ ସ୍ଥାନରେ ଖଞ୍ଜାଯାଇଥିବା ୩୭୦ଟି କ୍ୟାମେରା ଅଚଳ ବୋଲି ଦର୍ଶାଯାଇଛି। କଣ୍ଟ୍ରୋଲ୍ ରୁମ୍‌ରେ ଲାଇଭ୍ ହେଉଥିବା ୫୭୭କ୍ୟାମେରା ମଧ୍ୟରୁ ୩୭୦ଟି କ୍ୟାମେରାର ଭିଡିଓ ଲାଇଭ୍ ହୋଇ ପାରୁନାହିଁ। ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ୧୦ ପ୍ରତିଶତ କ୍ୟାମେରା ଅଚଳ ହୋଇଛି। ଏହାକୁ ତୁରନ୍ତ ସଜଡା ଯାଉଛି। ପୁଲିସ ବିଭାଗ ଅର୍ଥରେ ଏହି ସିସି କ୍ୟାମେରା ଲଗାଯାଇ ନାହିଁ। ବିଭିନ୍ନ ଅନୁଷ୍ଠାନ, ପୂଜା କମିଟି ଓ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କ୍ୟାମେରା ଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇଛି। ବିଭିନ୍ନ ସମସ୍ୟା ରହିଛି। କିନ୍ତୁ ୨୪ଘଣ୍ଟିଆ ସିସି କ୍ୟାମେରା ସହରର ଜାଗ୍ରତପ୍ରହରୀ ଭାବେ କାର୍ଯ୍ୟ କରୁଛି। ଅନ୍ୟପଟେ ସିସି କ୍ୟାମେରା ଗୁଡ଼ିକରେ ଅପ୍ଟିକାଲ୍ ଫାଇବର୍ ତ୍ରୁଟି ଦେଖା ଦେଇଛି। ଖୁଣ୍ଟରେ ଲାଗିଥିବା ସିସି କ୍ୟାମେରା ଗୁଡ଼ିକ ବିଭିନ୍ନ କାରଣରୁ ଅଚଳ ହୋଇଯାଇଛି ବୋଲି ଦାୟିତ୍ୱରେ ଥିବା ସଂସ୍ଥାର ମୁଖ୍ୟ କହିଛନ୍ତି। ବିଭିନ୍ନ ସମୟରେ ଥାନାୱାରୀ କୌଣସି ମାମଲାର ତଦନ୍ତ ସମୟରେ ସିସି କ୍ୟାମେରା ଫୁଟେଜ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସହରର ପ୍ରମୁଖ ଥାନାଗୁଡ଼ିକର କେତେକ ଆଇଆଇସି କହିଛନ୍ତି ଯେ ଉନ୍ନତମାନର କ୍ୟାମେରା ଲଗାଯାଇ ନଥିବାରୁ ବିଭିନ୍ନ ସମୟରେ ଫୁଟେଜ୍ ଯାଞ୍ଚ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। କ୍ୟାମେରା ଫୁଟେଜ୍ ଗୁଡ଼ିକରେ ଉନ୍ନତମାନର ରିଜୋଲ୍ୟୁସନ୍ ନଥିବା ହେତୁ ଭିଡ଼ିଓ ଗୁଡ଼ିକରୁ କୌଣସି ଘଟଣା ଯାଞ୍ଚ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଯଦି ଭଲ ତଥା ଉନ୍ନତମାନର ହାଇଡେଫିନେସନ୍ କ୍ୟାମେରା ଲଗାଯାଇ ଥାଆନ୍ତା ତେବେ ଅପରାଧି ଚିହ୍ନଟ ପ୍ରକ୍ରିୟା ସହଜ ହୋଇ ପାରନ୍ତା। ସେହିଭଳି ସହରର ପ୍ରବେଶ ପଥଗୁଡ଼ିକରେ ଲାଗିଥିବା କ୍ୟାମେରା ଗୁଡ଼ିକରେ ସମସ୍ୟା ସୃଷ୍ଟି ହୋଇଥିବାରୁ ସହର ମଧ୍ୟକୁ ଆସୁଥିବା ଅପରାଧିଙ୍କ ଗତିବିଧି ସମ୍ପର୍କରେ ପୁଲିସ ସୂଚନା ପାଇ ପାରୁନାହିଁ। ଚୌଦ୍ୱାର ଏବଂ ଜଗତପୁର ଥାନା ଅଞ୍ଚଳରେ ଆଦୌ ସିସି କ୍ୟାମେରା କାମ କରୁନଥିବା ଅଭିଯୋଗ ହୋଇଛି। ଏହି ୨ଟି ଥାନା ଅଧୀନରେ ଅଳ୍ପ ସଂଖ୍ୟାକ କ୍ୟାମେରା ଲଗାଯାଇଥିବା ବେଳେ ଏସବୁ କାର୍ଯ୍ୟକ୍ଷମ ହେଉ ନଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସତୀଚଉରା ଛକ, ବେଲଭ୍ୟୁ ଛକ, ଚାନ୍ଦିନୀଚୌକ ଛକ, ଡଗରପଡ଼ା, ହାୱଡା ମୋଟର ଛକ, ମଙ୍ଗଳାବାଗ ଛକ, କ୍ୟାଣ୍ଟନମେଣ୍ଟ ରୋଡ୍, ନୂଆପାଟଣା, ମଧୁପାଟଣା, ଘାଟକୂଳ, ବାଲିସାହି, ନୂଆବଜାରର କେତେକ ଅଞ୍ଚଳ ଭଳି ପୂର୍ବାଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ଲାଗିଥିବା କ୍ୟାମେରା ଗୁଡ଼ିକ ମଧ୍ୟରୁ ଅଧିକାଂଶ କ୍ୟାମେରା କାର୍ଯ୍ୟକ୍ଷମ ହେଉ ନଥିବା ଜଣାପଡ଼ିଛି।

## ବିଆଇପିଏଫ୍ ପକ୍ଷରୁ ଶାମ୍ଭବୀ ପୁରସ୍କାର ପ୍ରଦାନ



ଭୁବନେଶ୍ୱର, ୧୪।୩(ସମିସ): ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ ବା ବିଆଇପିଏଫ ସାମାଜିକ ବିକାଶରେ ଏହାର ଯାତ୍ରାର ୧୫ ବର୍ଷର ସ୍ମୃତିଚାରଣ କରି ଶାମ୍ଭବୀ ପୁରସ୍କାରର ୧୩ ତମ ସଂସ୍କରଣ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ତାଙ୍କ ସହ ମ୍ୟାଜିକ ବସ ଇଣ୍ଡିଆ ଫାଉଣ୍ଡେସନର ଗ୍ଲୋବାଲ ସିଇଓ ଜୟନ୍ତ ରସ୍ତୋଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୨୦୧୩ ମସିହାରେ ପ୍ରତିଷ୍ଠା ହୋଇଥିବା ଶାମ୍ଭବୀ ପୁରସ୍କାର ଓଡ଼ିଶାରେ ପରିବର୍ତ୍ତନକାରୀ ସାମାଜିକ ପ୍ରଭାବ ସୃଷ୍ଟି କରିବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଏବଂ ସଂଗଠନକୁ ପ୍ରଦାନ କରାଯାଇଥାଏ। ପ୍ରତିଷ୍ଠାନର ଯାତ୍ରା ଉପରେ ଏକ କଫି ଟେବୁଲ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ ପାଇଁ ଦୁଇଟି ସଂଗଠନ ତଥା ସାଥି ପରିବାର ଏବଂ ବଲାଙ୍ଗୀର ଗ୍ରାମୋଦ୍ୟୋଗ ସମିତିକୁ ଶାମ୍ଭାବୀ ୨୦୨୬ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ ଓଡ଼ିଶାର ବୟନ ଐତିହ୍ୟରେ ତାଙ୍କ ଅବଦାନ ପାଇଁ ବରଗଡ଼ର ଡ. ସସ୍ମିତା ମେହେର ଏବଂ ଶାମ୍ଭାବୀ ଯୁବ ଆଇନ ପୁରସ୍କାରରେ କନ୍ଧମାଳ ଜିଲ୍ଲାର ଜିରିଡିକିଆ ଗାଁର ଦୁଇ ଭଉଣୀ ସର୍ମିଳତା ପ୍ରଧାନ ଓ ଯମୁନା ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଛୋଟ ପ୍ରୟାସ ଏକ ବଡ ପ୍ରଭାବ ପକାଇବାରେ ବହୁତ ସାହାଯ୍ୟ କରିପାରିବ। ସମାଜରେ ବୃଦ୍ଧି ପାଉଥିବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଭଳି ଜରୁରୀ ଚ୍ୟାଲେଞ୍ଜଉପରେ କାମ କରିବାକୁ ସେ ଯୁବପିଢିଙ୍କୁ ଆହ୍ୱାନ କରିଥିଲେ। ଏହାପରେ ବିଆଇପିଏଫ ର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା କହିଛନ୍ତି, ବିଆଇପିଏଫ ର ୧୫ ବର୍ଷର ଯାତ୍ରା ସମ୍ପର୍କ ଦ୍ୱାରା ସହଭାଗୀ ଶିକ୍ଷା ଏବଂ ଆମ ସମ୍ପ୍ରଦାୟ ସହିତ ଏକ ଗଭୀର ସମନ୍ୱୟ ଦ୍ୱାରା ଗଢିଉଠିଛି ବୋଲି କହିଥିଲେ।

## ଜେଡି ସେଣ୍ଟର ଅଫ ଆର୍ଟର 'ମିଟ୍ ଦ ଆର୍ଟିଷ୍ଟ'



ଭୁବନେଶ୍ୱର, ୧୪।୩(ସମିସ): ଜେଡିସିଏ ପକ୍ଷରୁ 'ମିଟ୍ ଦ ଆର୍ଟିଷ୍ଟ' ୨୮୮ତମ କାର୍ଯ୍ୟକ୍ରମ ଶନିବାର ଏହାର କାର୍ଯ୍ୟାଳୟ ନୟାପଲ୍ଲୀ ଏ୨୦ ଭିଆଇପି କଲୋନୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଷୟବସ୍ତୁ ଥିଲା ବସନ୍ତ ଋତୁ। ଏଥିରେ ଓଡ଼ିଶାର ଫଟୋଗ୍ରାଫର ଦେବେନ୍ଦ୍ର କୁମାର ପଟ୍ଟନାୟକ ତାଙ୍କର ଫଟୋଗ୍ରାଫିରେ ବସନ୍ତ ଋତୁ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଡିସିଏ ପକ୍ଷରୁ ଟ୍ରଷ୍ଟି ଜଗଦାନନ୍ଦ ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ଏବଂ ମୁଖ୍ୟ ଅତିଥିଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ବହୁ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ଓ କଳାକାର ଉପସ୍ଥିତ ରହିଥିଲେ। ଜେଡିସିଏ ତରଫରୁ ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ୍ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ଏକା- ଦି ୱାନ' ଜାତୀୟ କଳା ପ୍ରଦର୍ଶନୀ ଉଦ୍‌ଘାଟିତ
## କାନ୍‌ଭାସରେ ୬୪ ଯୋଗିନୀଙ୍କ ଅବତାର

ଭୁବନେଶ୍ୱର, ୧୪।୩(ସମିସ): ବୁଦ୍ଧ ଆର୍ଟ ଗ୍ୟାଲେରୀରେ ଶିଳ୍ପୀ, ଐତିହାସିକ ଏବଂ ଗବେଷକମାନଙ୍କ ମଧ୍ୟରେ ଜାତୀୟ ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ 'ଏକା-ଦି ୱାନ' ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ୬୪ ଯୋଗିନୀଙ୍କର ଏକ ଶକ୍ତିଶାଳୀ ସମସାମୟିକ ଚିତ୍ରଣ ପ୍ରଦର୍ଶିତ କରାଯାଇଛି। ଯେଉଁମାନେକି ଜ୍ଞାନ, ଅର୍ନ୍ତଜ୍ଞାନ, ସାହସ ଏବଂ ରୂପାନ୍ତରର ବିଭିନ୍ନ ଦିଗକୁ ପ୍ରତିନିଧିତ୍ୱ କରୁଥିବା 'ଶକ୍ତି'ଙ୍କର ପବିତ୍ର ସ୍ୱରୂପ ଅଟନ୍ତି। ପ୍ରଦର୍ଶନୀର ବିଶେଷତ୍ୱ ହେଉଛି, ଏଥିରେ ପ୍ରଥମ ଥର ପାଇଁ ଜଣେ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ସମସ୍ତ ୬୪ ଯୋଗିନୀଙ୍କର ଏକ ସମ୍ପୂର୍ଣ୍ଣ ସମସାମୟିକ ସଂଗ୍ରହ ସ୍ଥାନ ପାଇଛି। ଏହି ପ୍ରଦର୍ଶନୀକୁ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଦେବଯାନୀ ଭୂୟାଁ ଉଦ୍‌ଘାଟନ କରିଛନ୍ତି। କଳାକାର ତଥା ସାମାଜିକ ଉଦ୍ୟୋଗୀ ଡ. ବୀଣା ଉନ୍ନିକ୍ରିଷ୍ଣନ କହିଛନ୍ତି ଯେ, ଏହି ପ୍ରଦର୍ଶନୀ ମହତ୍ୱାକାଂକ୍ଷୀ ଯୋଗିନୀ ଟ୍ରେଲ୍‌ର ଏକ ଅଂଶବିଶେଷ, ଯାହାକି ଦେଶର ୧୬ଟି ରାଜ୍ୟରେ ୧୦, ୦୦୦ କିଲୋମିଟରରୁ ଅଧିକ ଅତିକ୍ରମ କରୁଥିବା ଏକ ଜାତୀୟ କଳାତ୍ମକ ଯାତ୍ରା ଅଟେ। ଚେନ୍ନାଇରୁ ଆରମ୍ଭ ହୋଇ କେରଳ ଓ କୋଏମ୍ବାଟୁର ଦେଇ ଭୁବନେଶ୍ୱରରେ ପହଞ୍ଚିଥିବା ଏହି ପ୍ରକଳ୍ପ ସମସାମୟିକ ଦୃଶ୍ୟକଳା ମାଧ୍ୟମରେ ଭାରତର ପ୍ରାଚୀନ ପବିତ୍ର ନାରୀ-ଶକ୍ତି ପରମ୍ପରାକୁ ଆଧୁନିକ ସାଂସ୍କୃତିକ ଆଲୋଚନା ଓ ବିମର୍ଶ ସହ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଏକ ଅତ୍ୟନ୍ତ ନିଆରା ପରିକଳ୍ପନା। ଆମେ ସମସ୍ତେ ଜାଣୁ ଯେ ହୀରାପୁରର ଚଉଷଠି ଯୋଗିନୀ ମନ୍ଦିର ହେଉଛି ଭାରତରେ ଥିବା ଚାରୋଟି ୬୪ ଯୋଗିନୀ ମନ୍ଦିର ମଧ୍ୟରୁ ଅନ୍ୟତମ ଏବଂ ଏହି ଉଲ୍ଲେଖନୀୟ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ଏକ କଳା ପ୍ରଦର୍ଶନୀ ଦେଖିବା ବାସ୍ତବରେ ଆନନ୍ଦଦାୟକ। ପ୍ରଦର୍ଶନୀରେ ଥିବା ପ୍ରତ୍ୟେକ କଳାକୃତି ନିଜର ଏକ ସ୍ୱତନ୍ତ୍ର ବିଷୟବସ୍ତୁ ଓ କାହାଣୀ ବହନ କରୁଛି, ଯାହା ଯୋଗିନୀ ପରମ୍ପରାର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଗଭୀରତାକୁ ପ୍ରତିଫଳିତ କରିଥାଏ। ପ୍ରଦର୍ଶନୀରେ ଦର୍ଶକମାନେ ୬୪ଟି ଚିତ୍ରକଳାର ବର୍ଣ୍ଣମାଳାକୁ ଉପଭୋଗ କରିବା ସହ 'ୱାଇ୬୪: ୱିସ୍ପର୍ସ ଅଫ ଦି ଅନସିନ୍' ବୃତିଚିତ୍ର ମଧ ଦେଖିଛନ୍ତି। ଯାହା ଯୋଗିନୀ ଉପାସନା ସହ ଜଡ଼ିତ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କଥାବସ୍ତୁ ଉପରେ ପର୍ଯ୍ୟବସିତ। ହୀରାପୁର ଯୋଗିନୀ ମନ୍ଦିରର ପବିତ୍ର ପରମ୍ପରା ଦ୍ୱାରା ଅନୁପ୍ରାଣିତ ହୋଇ ଅଙ୍କାଯାଇଥିବା 'ମହାମାୟାଙ୍କ ଚିତ୍ର ଏହି ପ୍ରଦର୍ଶନୀର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା। ଏହି ପ୍ରଦର୍ଶନୀ ଚଳିତ ମାସ ୧୬ ତାରିଖ ଯାଏ ଚାଲିବ।



## କ୍ୟାନ୍‌ସର ରୋଗୀଙ୍କୁ ପ୍ଲେଟ୍‌ଲେଟ ଦାନ କଲେ ୩ ଛାତ୍ର



ଭୁବନେଶ୍ୱର, ୧୪।୩(ସମିସ): କ୍ୟାନ୍‌ସର୍ ରୋଗୀଙ୍କ ପ୍ଲେଟ୍‌ଲେଟ୍ ଦାନ କରି ମହାନତା ଦେଖାଇଛନ୍ତି ୩ ଜଣ ଛାତ୍ର। ସେମାନଙ୍କ ମଧ୍ୟରେ ଅଛନ୍ତି ସତ୍ୟବ୍ରତ ଦଳାଇ। ସତ୍ୟବ୍ରତ ପ୍ରଥମଥର ପାଇଁ ଏସଡିପି ଡୋନେସନ ତଥା ଗୋଲ୍‌ଡେନ ଫ୍ଲୁଇଡ, ଜଣେ କ୍ୟାନ୍ସର ପୀଡ଼ିତ ଡାକ୍ତରଙ୍କ ପାଇଁ ଦାନ କରିଛନ୍ତି। ସୂଚନା ଅନୁଯାୟୀ ସେ ରାଜଧାନୀ କଲେଜରେ ସ୍ନାତକ ଶ୍ରେଣୀର ଜଣେ ଛାତ୍ର ଏବଂ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ। ଶୁକ୍ରବାର ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ. ନରେଶ ଚନ୍ଦ୍ର ସାହୁଙ୍କ ଅନୁରୋଧ କ୍ରମେ ସେ ଏମ୍‌ଏସ ଯାଇ ପରୀକ୍ଷା କରି ପ୍ଲଟେଲେଟ ଦାନ କରିଥିଲେ। ସେହିଭଳି ବିଜେବି କଲେଜର ବିଇଡି ଛାତ୍ର ସୂର୍ଯ୍ୟକାନ୍ତ ସ୍ୱର୍ଣ୍ଣ ହସପିଟାଲରେ କ୍ୟାନ୍ସର ସହ ସଂଗ୍ରାମ କରୁଥିବା ଜଣେ ମାଙ୍କ ପାଇଁ ଏବଂ ରାଜଧାନୀ ମହାବିଦ୍ୟାଳୟର ଛାତ୍ର ମୀନକେତନ ସାହୁ ମଧ୍ୟ ଏମ୍ସରେ ତାଙ୍କର ଏସ୍‌ଡିପି ଦାନ କରିଛନ୍ତି। ଏହି ତିନିଜଣ ଛାତ୍ର ଯୁବବର୍ଗ ପାଇଁ ପ୍ରେରଣା ପାଲଟିଛନ୍ତି। ଏହି କାର୍ଯ୍ୟ ପାଇଁ ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ସମ୍ପାଦକ ଅକ୍ଷୟ କୁମାର ରାଉତ ସଂଯୋଜନା କରିଥିଲେ। ଦିନକୁ ଦିନ କ୍ୟାନସର, କିଡନୀ ଓ ରକ୍ତକର୍କଟ ରୋଗୀଙ୍କ ପାଇଁ ଯେଉଁ ମାତ୍ରରେ ଏସଡିପି ଦରକାର ହେଉଛି, ସଚେତନତା ଅଭାବରୁ ତାହା ପୂରଣ କରାଯାଇ ପାରୁନାହିଁ ବୋଲି ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ. ନରେଶ ଚନ୍ଦ୍ର ସାହୁ ପ୍ରକାଶ କରିବା ସହ ସହଯୋଗ ପାଇଁ ଯୁବବର୍ଗଙ୍କୁ ନିବେଦନ କରିଛନ୍ତି।

## ଓଡ଼ିଶା ଠିକାଦାର ମହାସଂଘ ମିଳିତ ମଞ୍ଚ ପକ୍ଷରୁ ମନ୍ତ୍ରୀଙ୍କୁ କୃତଜ୍ଞତା




ଭୁବନେଶ୍ୱର, ୧୪।୩(ସମିସ): ଓଡ଼ିଶା ଠିକାଦାର ମହାସଂଘ ମିଳିତ ମଞ୍ଚର ଏକ ସାମ୍ବାଦିକ ସମ୍ମିଳନୀ ଶନିବାର ଲୋୟର ପିଏମଜି ସ୍ଥିତ ଧାରଣସ୍ଥଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୩ ଦିନ ଧରି ଠିକାଦାରମାନଙ୍କର ରାଜରାସ୍ତାରେ ଯେଉଁ ଆନ୍ଦୋଳନ ଚାଲିଥିଲା ତାର ସମାପ୍ତି ଘଟିଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଠିକାଦାରମାନଙ୍କର ୮ ଦଫା ଦାବି ସମ୍ବନ୍ଧରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସବିଶେଷ ଆଲୋଚନାକରି ଏହି ଦାବିଗୁଡ଼ିକୁ ସୂଚାରୁରୂପେ ସମାଧାନ କରିବା ନେଇ ଲିଖିତ ପ୍ରତିଶ୍ରୁତି ମାଧ୍ୟମରେ ଜଣାଇଥିଲେ। ଠିକାଦାରମାନଙ୍କ ଏହି ଦାବି ଛଡ଼ା କଣ୍ଟ୍ରାକ୍ଟରଙ୍କ ଲାଭ ଏଷ୍ଟିମେଟରେ ୧୦ ପ୍ରତିଶତକୁ ବୃଦ୍ଧି, ଜଏଣ୍ଟ ଭେଣ୍ଟର ଓ ସବ୍‌ଲେଟର ବ୍ୟବସ୍ଥାକୁ ସ୍ୱୀକୃତି ଦବା ସହିତ ପ୍ରତିବର୍ଷ ଏପ୍ରିଲ ମାସରେ ଏସ୍‌ଓଆର ର ରିଭିଜନ ପାଇଁ ବ୍ୟବସ୍ଥା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଠିକାଦାର ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏକାମ୍ର ବିଧାୟକ ବାବୁ ସିଂହ ଏବଂ ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଠିକାଦାରମାନଙ୍କ ଦାବି ପୂରଣ ପାଇଁ ମନ୍ତ୍ରୀଙ୍କ ସହ ଯୋଗଯୋଗ ଓ ଆଲୋଚନା କରିଥିବାରୁ ଠିକାଦାର ସଂଘ ସେମାନେଙ୍କୁ ଅଶେଷ ଧନ୍ୟବାଦ ଦେଇଛନ୍ତି। ଓଡ଼ିଶାର ୩୦ଟି ଜିଲ୍ଲାରୁ ଆସିଥିବା ଠିକାଦାରମାନଙ୍କୁ ତାଙ୍କର ଧୈର୍ଯ୍ୟ ଓ ସଂଘ ସହ ଯୋଡି ହୋଇ ରହିଥିବାରୁ ସଂଘ ତାଙ୍କୁ ଧନ୍ୟବାଦ ଜଣାଇଛି। ଏହି କାର୍ଯ୍ୟକ୍ରମକୁ ସଭାପତି ଅନିଲ କୁମାର ମହାଲିକ, ସାମ୍ପଦକ ଦିଲ୍ଲୀପ କୁମାର ଜେନା, ଏଓସିଏ ଅଧ୍ୟକ୍ଷ, ପ୍ରଭାତ ଦାସ, ବୈଦ୍ୟୁତିକ ସଂଘ ସଭାପତି ଆଶିଷ କୁମାର ସୋମ, ସମ୍ପାଦକ, ଭଗବାନ ବିଶ୍ୱାଳ ଓ ଚନ୍ଦନ ଶତପଥି ପରିଚାଳନା କରିଥିଲେ।

## ସୌଦାମିନୀ ନନ୍ଦଙ୍କୁ କୁନ୍ତଳା ପୁରସ୍କାର



କଟକ, ୧୪।୩(ସମିସ): କୁନ୍ତଳାକୁମାରୀ ସାବତ ଫାଉଣ୍ଡେସନ୍ ପକ୍ଷରୁ ସାରଳା ଭବନଠାରେ ଚିକିତ୍ସାବିତ୍ କୁନ୍ତଳା କୁମାରୀ ସାବତଙ୍କ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲେଖିକା ଡକ୍ଟର ସୌଦାମିନୀ ନନ୍ଦଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ସ୍ୱରୂପ ୨୫ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଛି। ଏଥିସହ ଚିକିତ୍ସାବିତ୍ ଡାକ୍ତର ସୁବ୍ରତ କୁମାର ଜେନା, ଡାକ୍ତର ଜୟଶ୍ରୀ ପଟ୍ଟନାୟକ, ପ୍ରଫେସର୍ ଡାକ୍ତର ସସ୍ମିତା ସ୍ୱାଇଁ, ପ୍ରଫେସର୍ ଡାକ୍ତର ଗୌତମକୁମାର ଶତପଥୀ ଓ ପ୍ରଫେସର ଡାକ୍ତର ନୀଳାବତୀ ଗୁରୁଙ୍କୁ କୁନ୍ତଳାକୁମାରୀ ସାବତ ଚିକିତ୍ସାବିଜ୍ଞାନ ସମ୍ମାନରେ ସମ୍ମାନିତ କରାଯାଇଛି। ଉଦ୍‌ଘାଟକ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଯୋଗ ଦେଇଥିଲେ। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଓ ସଭାପତି ଡଃ (ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ ଭେଷଜବିଜ୍ଞାନୀ ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଡକ୍ଟର ସତ୍ୟନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଫାଉଣ୍ଡେସନ୍‌ର ସମ୍ପାଦକ ଡକ୍ଟର ଚୌଧୁରୀସତ୍ୟ ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଉପସଭାପତି ସୋହାଗିନୀ ବେହେରା ସ୍ମୃତିଚାରଣ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଡକ୍ଟର ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ। ଉତ୍ସବକୁ ଇଂ ସୁଶାନ୍ତ ସେଠୀ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ବ୍ରଜକିଶୋର ବେଉରା, କବି ଗୋପା ଦାସ, କବି ଛବିରାଣୀ ପତି, ସରୋଜିନୀ ରାଉତରାୟ, ବିଜୟଲକ୍ଷ୍ମୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜମିଲାଣି 'ଗ୍ରୀଷ୍ମ' ବ୍ୟବସାୟ | ଆସିଲାଣି ମହାରାଷ୍ଟ୍ର ମାଲ୍; ଆଗକୁ ଓଡ଼ିଶା ତରଭୁଜ

ଭୁବନେଶ୍ୱର, ୧୪।୩(ସମିସ): ରାଜ୍ୟରେ ଏବେ ଆରମ୍ଭ ହୋଇଗଲାଣି ଖରାର ରାଜୁତି। ଏହାରି ଭିତରେ ରାସ୍ତାକଡ଼ରେ ଜମି ଆସିଲାଣି ତରଭୁଜ। ତୃଷାର୍ତ୍ତ ପଥିକ ହେଉ କି କ୍ଳାନ୍ତ କର୍ମଜୀବୀ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି ତରଭୁଜ। କେଉଁଠି ଆକର୍ଷଣୀୟ ଢ଼ଙ୍ଗରେ ସଜେଇ ରଖାଯାଇଛି ତ ଆଉ କିଏ ପିରାମିଡ୍ କରି ରଖିଛି ଗ୍ରାହକଙ୍କ ପାଇଁ। ଖରାକୁ ଦେଖି ଏଥରର ବେପାର ପୂର୍ବବର୍ଷ ଅପେକ୍ଷା ଭଲ ହେବ ବୋଲି ଆଶାବାଦୀ ଅଛନ୍ତି ବେପାରୀ।

ଖରାଦିନେ ସାଧାରଣତଃ ବଜାରରେ ଅନେକ ପ୍ରକାରର ଫଳ ମିଳିଥାଏ। ସେଥିମଧ୍ୟରୁ ପ୍ରାୟତଃ ତରଭୁଜ ଖାଇବା ପାଇଁ ଲୋକ ଚାତକ ଭଳି ଅପେକ୍ଷା କରି ବସିଥାନ୍ତି। ବର୍ତ୍ତମାନ ସମୟରେ ଖରାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ମଧ୍ୟ ବଜାରରେ ତରଭୁଜ ବିକ୍ରି କରିବା ଆରମ୍ଭ କଲେଣି। ରାଜଧାନୀର ବିଭିନ୍ନ ଫଳ ଦୋକାନ ସମେତ ରାସ୍ତା କଡରେ ବି ବ୍ୟବସାୟୀମାନେ ତରଭୁଜର ଆସର ଜମାଇଲେଣି। ରାମ ମନ୍ଦିର ଛକ, ଖଣ୍ଡଗିରି ଛକ, ବରମୁଣ୍ଡା, ନୟାପଲ୍ଲୀ, ପାୱାରହାଉସ ଛକ, ରାଜମହଲ ଛକ, ଏକନମ୍ବର ହାଟ ଆଦି ସ୍ଥାନରେ କୁଢ଼ କୁଢ ତରଭୁଜ ଦେଖିବାକୁ ମିଳୁଛି। ଏହି ତରଭୁଜ ରାଜଧାନୀରେ ଚାଷ ହେଉ ନ ଥିବାରୁ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ କ୍ୱଚିତ୍ ଚାଷ ହେଉଛି। ତେଣୁ ରାଜଧାନୀ ରାସ୍ତାଘାଟରେ ବିକ୍ରି ହେଉଥିବା ତରଭୁଜଗୁଡ଼ିକ ଢେଙ୍କାନାଳ ଏବଂ ରାୟଗଡ଼ା ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରୁ ଆସିଛି ବୋଲି ବ୍ୟବସାୟୀ କିଶୋର କହିଛନ୍ତି। ତେବେ ଏସବୁ ଭିତରେ ମହାରାଷ୍ଟ୍ରରୁ ଆସୁଥିବା ତରଭୁଜଗୁଡ଼ିକ ବ୍ୟବସାୟୀଙ୍କୁ ଭଲ ଦି' ପଇସା ରୋଜଗାର ଦେଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ଯାହାର ମୂଲ୍ୟ କିଲୋ ପିଛା ୩୫ ଟଙ୍କା ଥିବାବେଳେ ଢେଙ୍କାନାଳ ଏବଂ ରାୟଗଡ଼ାରୁ ଆସୁଥିବା ତରଭୂଜ ୩୦ ଟଙ୍କାରେ ବିକ୍ରି ହେଉଛି। ଆଉ କେଇଟା ଦିନ ଗଲେ ଦେବଗଡ଼, ସୁନ୍ଦରଗଡ଼, ଗୋପ ଆଦି ସ୍ଥାନରୁ ମଧ୍ୟ ତରଭୁଜ ଆସିବ। ଖଣ୍ଡଗିରି ମେଳା ସମୟରୁ ଆରମ୍ଭ ହୋଇ ସାବିତ୍ରୀ ଯାଏଁ ଏହି ବ୍ୟବସାୟ ଚାଲେ। ସେହିଭଳି ଗତ କିଛି ବର୍ଷ ହେବ ରାଜଧାନୀରେ ଝାଡଖଣ୍ଡରୁ ଆସୁଥିବା ହଳଦିଆ ତରଭୁଜକୁ ବି ବେଶ୍ ପସନ୍ଦ କରୁଛନ୍ତି। ଯାହା ମାର୍ଚ୍ଚ ଶେଷ ବେଳକୁ ରାଜଧାନୀକୁ ଆସିଯିବ ବୋଲି ସେ କହିଥିଲେ। ଏହା ଓଡ଼ିଶାରେ ଚାଷ ହେଉ ନ ଥିବା ଯୋଗୁଁ ନାଲି ତରଭୁଜଠୁ ଆର ମୂଲ୍ୟ ଟିକେ ଅଧିକା ରହିଛି। ବର୍ତ୍ତମାନ ଖରାର ଆରମ୍ଭ ହୋଇଥିବାରୁ ଧୀରେ ଧୀରେ ଗ୍ରାହକଙ୍କ ସଂଖ୍ୟା ମଧ୍ୟ ବଢୁଥିବାର ଦେଖିବାକୁ ମିଳିଛି। ତେବେ ଆଗକୁ ଅଧିକ ତରଭୂଜ ଭୁବନେଶ୍ୱର ବଜାରକୁ ଆସିଲେ ଦାମ ଟିକେ କମ୍ ରହିବ ବୋଲି କୁହାଯାଉଛି।



## ଦିବ୍ୟାଙ୍ଗ ବିଦ୍ୟାଳୟଗୁଡ଼ିକର ସାମଗ୍ରୀ ବଣ୍ଟନ

ଭୁବନେଶ୍ୱର, ୧୪।୩(ସମିସ): ସାମାଜିକ ଅନୁଷ୍ଠାନ ହେଲ୍ମେଟ୍ ଓ ଷ୍ଟେଟ୍‌ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ଭଦ୍ରକ, ଗଞ୍ଜାମ, ସମ୍ବଲପୁର ଓ ଭୁବନେଶ୍ୱରରେ ଥିବା ଦିବ୍ୟାଙ୍ଗ ବିଦ୍ୟାଳୟଗୁଡ଼ିକରେ ରବିବାର ଠାରୁ ଶନିବାର ପର୍ଯ୍ୟନ୍ତ ୭ ଦିନ ଧରି ବିଭିନ୍ନ ସାମଗ୍ରୀ ଯୋଗାଇବା ସହ ସେମାନଙ୍କୁ ଆତ୍ମକୌଶଳ ଶିକ୍ଷା ଦିଆଯାଇ ସଶକ୍ତ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଏସ୍‌ବିଆଇର ଶାଖା ପରିଚାଳକ ଯଥା ଶିବସୁନ୍ଦର ସାହୁ, କରୁଣାକର ଦାସ, ତାପସ କୁମାର ବେହେରା, ଯଶୋବନ୍ତ ଦାଶ, ସବ୍ୟସଚୀ ମହାପାତ୍ର, ହରେକୃଷ୍ଣ ପଣ୍ଡା, ଅଭୟ କୁମାର ଘୋଷାଲ, ମାନସ ରଞ୍ଜନ ପ୍ରଧାନ, ବିଜୟଲକ୍ଷ୍ମୀ ମହାପାତ୍ର ଓ ହେଲ୍ମେଟ୍‌ର ସମ୍ପାଦିକା ନିବେଦିତା ଭଞ୍ଜ ଉପସ୍ଥିତ ରହି କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନା କରିଛନ୍ତି।



# ୨୦ ଲକ୍ଷ ଟଙ୍କାର ଚୋରି ସାମଗ୍ରୀ ଜବତ; ୪ ଗିରଫ








**ନିଶ୍ଚିନ୍ତକୋଇଲି,୧୪ ।୩(ସମିସ):** ନିଶ୍ଚିନ୍ତକୋଇଲି ଥାନାଞ୍ଚଳରେ କିଛି ଦିନ ହେବ ଘନ ଘନ ଚୋରି ଡକାୟତି ଓ ରାହାଜାନୀ ବଢ଼ିଚାଲିଥିବା ବେଳେ ଗୁରୁବାର ରାତିରେ ନିଶ୍ଚିନ୍ତକୋଇଲି ଥାନା ପୁଲିସ ଏକ ଆନ୍ତଃଜିଲ୍ଲା ଦୁର୍ଦ୍ଦାନ୍ତ ଡକାୟତି ଦଳକୁ ଧରିବା ପାଇଁ ସକ୍ଷମ ହୋଇଛି । ଏହି ଡକାୟତ ଦଳରେ ସଂପୃକ୍ତ ଥିବା ତିନି ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନସ୍ଥ ଚନ୍ଦନପୁର ଗ୍ରାମର ବୁଧିରାମ ସ୍ୱାଇଁ(ବୁଧିଆ, ୫୭ ବର୍ଷ), ନୂଆଗାଁର ଦିଲ୍ଲୀପ ଦାସ(୩୭) ଓ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ତଳିଆ ଗ୍ରାମର ଦେବେନ୍ଦ୍ର ପରିଡା (୪୮) । ସେମାନଙ୍କଠାରୁ ଜିନିଷ କିଣିଥିବା ଯାଜପୁର ଟାଉନଥାନା ଅଧୀନସ୍ଥ ବଡବଜାରର ସମ୍ପଦରାୟ ଭାନୁଦାସ ଚୋରୁମାଲେ(୪୦)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି । ଏଥିସହ ୧୦୫ ଗ୍ରାମ ବିଭିନ୍ନ ସୁନା ଅଳଙ୍କାର, ୪୫୦ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ମହିନ୍ଦ୍ରା ମାର୍ଜୋ କାର, ନଗଦ ୧ ଲକ୍ଷ ୧୦ ହଜାର ଟଙ୍କା, ଦୁଇଟି ଲାପ୍‌ଟପ୍, ତିନୋଟି ମୋବାଇଲ, ଏକ କୁଇଣ୍ଟାଲ କଂସା ଓ ପିତ୍ତଳ ବାସନକୁସନ, ଗୋଟିଏ ବଡ଼ କଟର ସହ ମାରଣାସ୍ତ୍ର ଜବତ କରାଯାଇଛି । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସାଲେପୁର ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି ସୂଚନା ଦେଇଛନ୍ତି ।

ଏହି ଡକାୟତି ଦଳରେ ଅନ୍ୟ ଦୁଇଜଣ ଫେରାର ଥିବା ବେଳେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ତାଙ୍କୁ ଖୁବ୍ ଶୀଘ୍ର ଧରିବ ବୋଲି ସେ କହିଛନ୍ତି । ଏମାନେ ରାସ୍ତା ପାଶ୍ୱର୍ରେ ବନ୍ଦ୍ ହୋଇ ରହିଥିବା ବାସଗୃହଗୁଡିକରେ ଡକାୟତି କରିବା ପାଇଁ ସବୁବେଳେ ଟାର୍ଗେଟ୍ କରିଥାଆନ୍ତି । ଗୁରୁବାର ରାତିରେ ନିଶ୍ଚିନ୍ତକୋଇଲି ଥାନା ମହାଜନପୁର ଗ୍ରାମର ସହଦେବ ସେନାପତିଙ୍କ ଘରକୁ ଟାର୍ଗେଟ୍ କରି ଡକାୟତି କରୁଥିବା ବେଳେ ତାଙ୍କର ସେନସର ସିସି କ୍ୟାମେରା ଥିବାରୁ ସେମାନଙ୍କୁ ସହଜରେ ଧରାଯାଇଥିଲା । ଏହି ଅପରାଧୀଙ୍କ ନାମରେ ନିଶ୍ଚିନ୍ତକୋଇଲି, କିଶନନଗର ଓ ସାଲେପୁର ଆଦି ଥାନାଗୁଡ଼ିକରେ ବହୁ ଅପରାଧିକ ମାମଲା ରହିଥିବା ବେଳେ ଯାଜପୁର, ବାଲେଶ୍ୱର, ଭଦ୍ରକ, କଟକ ଆଦି ଜିଲ୍ଲାରେ ମଧ୍ୟ ଅନେକ ମାମଲା ରହିଥିବା ଜଣାଯାଇଛି । ଏହି ଡକାୟତି ଦଳ ଏକ ଦାମୀ କାର ମାଧ୍ୟମରେ ଯାଇ ଲୋକମାନଙ୍କ ଘରୁ ଡକାୟତି କରି ଘରେ କଳାକନା ବୁଲାଇ ଦେଇଥାଆନ୍ତି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ନିଶ୍ଚିନ୍ତକୋଇଲି ଥାନାଧିକାରୀ ଅନୀତା ସାହୁ, ସାଲେପୁର ଥାନାଧିକାରୀ ମହେଶ୍ୱର ବେହେରା, କିଶନନଗର ଥାନାଧିକାରୀ ମାନେଶ୍ୱର ପ୍ରଧାନ, ନିଶ୍ଚିନ୍ତକୋଇଲି ଥାନା ଏସ୍‌ଆଇ ସ୍ମୃତିରଂଜନ ସ୍ୱାଇଁ, ଉଦୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚାରି ଜଣ ଅପରାଧୀଙ୍କ ନାମରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ନେଇ ସାଲେପୁର ଏସ୍‌ଡିପିଓ ସୂଚନା ଦେଇଛନ୍ତି ।

# ମା' ଓ ଭାଇର ହତ୍ୟା ଅଭିଯୁକ୍ତ ଜେଲ୍ ଗଲା



**ସାଲେପୁର,୧୪ ।୩(ସମିସ):** ଜମିଜମା ବିବାଦକୁ କେନ୍ଦ୍ର କରି ନିଜ ଜନ୍ମକଲା ମା' ଓ ଭାଇକୁ ଫାଉଡ଼ାରେ ପିଟି ପିଟି ହତ୍ୟା କରିଥିବା ଅଭିଯୁକ୍ତକୁ ଆଜି ସାଲେପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ଜମିଜମା ବିବାଦକୁ କେନ୍ଦ୍ର କରି ସାଲେପୁର ଥାନା ଅଧିନ ଫଗୋଳ ଗ୍ରାମର ସେକ୍ ପପୁ ନିଜ ଜନ୍ମକଲା ମା' କୁଲସୁମ୍ ବିବି(୭୨) ଓ ଭାଇ ସେକ୍ ସମସେର(୫୫)ଙ୍କୁ ଫାଉଡ଼ାରେ ପିଟି ହତ୍ୟା କରିଥିଲା । ଏହାନେଇ ମୃତ ସମସେରଙ୍କ ପୁତ୍ର ସେକ୍ ସୋଲେମାନ୍ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୧୫୭/୨୦୨୬ରେ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ସେକ୍ ପପୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସେଠାରେ ତା'ର ଜାମିନ୍ ଆବେଦନ ନାମଂଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇଦେଇଥିବା ସାଲେପୁର ଥାନା ଆଇଆଇସି. ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି ।

# ଶିକ୍ଷାବିତଙ୍କ ବିୟୋଗରେ ଶୋକ



**ଚୌଦ୍ୱାର,୧୪।୩(ସମିସ):** ଓଡ଼ିଶା ଶିକ୍ଷା ବିକାଶ ସମିତିର ଆଇନ ପରାମର୍ଶଦାତା, ପୂର୍ବ ସମ୍ଭାଗ ତଥା କେଶବ ସେବା ପ୍ରକଳ୍ପର ପ୍ରାକ୍ତନ ସଂଯୋଜକ ତଥା ଦୌଲତାବାଦସ୍ଥିତ ସାରଦା ନଗର ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଧାନ ଆଚାର୍ଯ୍ୟ ନିମାଇଁ ଚରଣ ପଣ୍ଡାଙ୍କ(୫୪) ଶନିବାର ହୃଦଘାତରେ ପରଲୋକ ହୋଇଛି । ସ୍ୱର୍ଗତ ପଣ୍ଡା ଜଣେ ପରୋପକାରୀ ଓ ବନ୍ଧୁ ବତ୍ସଳ ମଣିଷ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ । ସେ ଜଗତପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଶିକ୍ଷକ ଜୀବନ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରିଥିଲେ । ଆଦିବାସୀ ଅଧ୍ୟୁଷିତ ମହିସାଲଣ୍ଡା ପଞ୍ଚାୟତ ଆମ୍ବିଳିଝରୀ ଗ୍ରାମରେ ସଖା ସେବାଟ୍ରଷ୍ଟ ଜୀବନ ସଂଧ୍ୟା ଆଶ୍ରମ ସ୍ଥାପନ କରି ଅସହାୟ ବୃଦ୍ଧବୃଦ୍ଧାଙ୍କ ସେବା ସହିତ ଆଦିବାସୀ ପିଲାଙ୍କୁ ଶିକ୍ଷାଦାନ ଆଦି କାର୍ଯ୍ୟ କରୁଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଚୌଦ୍ୱାର ପୌରପାଳିକା ୧୫ ନମ୍ବର ୱାର୍ଡର୍ ଅନ୍ତର୍ଗତ ଚିତ୍ରେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା ।

# ମା'ଙ୍କ ଚକ୍ଷୁଦାନ କରାଇଲେ ପୁଅ



**ନିଆଳି,୧୪।୩(ସମିସ):** ମୃତ୍ୟୁ ପରେ ଚକ୍ଷୁଦାନ କରିଛନ୍ତି ୮୨ ବର୍ଷୀୟା ନିଆଳିର ପାର୍ବତୀ ସାହୁ । ମା'ଙ୍କ ବୟସାଧିକ ମୃତ୍ୟୁପରେ ପୁଅ କେଦାରନାଥ ସାହୁ ନିଜ ମା'ଙ୍କ ଆଖି ଦାନ କରିଛନ୍ତି । ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ସହ ଜଡିତ କେଦାରଙ୍କ ମା'ଙ୍କ ମୃତ୍ୟୁ ପରେ ବି ଦୁଇ ଜଣ ଦୃଷ୍ଟିହୀନଙ୍କୁ ଦୁନିଆକୁ ଦେଖାଇଛନ୍ତି । କେଦାରନାଥ ପ୍ରଥମେ ମା'ଙ୍କ ଚକ୍ଷୁଦାନ ପାଇଁ ଏସସିବି ମେଡିକାଲକୁ ଯୋଗାଯୋଗ କରିଥିଲେ । ସେଠାରେ ମେଡିକାଲ ପକ୍ଷରୁ ପୁରୀ ଚକ୍ଷୁବ୍ୟାଙ୍କକୁ ଯାଇ ଚକ୍ଷୁଦାନ କରିବାକୁ ପରାମର୍ଶ ଦେଇଥିଲେ । ଏଣେ ଅଙ୍ଗଦାନ ସେଲ୍ ସହ ଜଡିତ ତଥା ରେଡ୍‌କ୍ରସ୍ ସକ୍ରିୟ ସଦସ୍ୟା ଜୟନ୍ତୀ ମହାପାତ୍ର ଓ ଚକ୍ଷୁବ୍ୟାଙ୍କର କର୍ମକର୍ତ୍ତା ଯାଇ ମୃତ ପାର୍ବତୀଙ୍କ ଚକ୍ଷୁର କର୍ଣ୍ଣିଆ ସଂଗ୍ରହ କରିଥିଲେ । ଶ୍ରୀମତୀ ମହାପାତ୍ର କହିଛନ୍ତି, ପାର୍ବତୀଙ୍କ ବୟସଜନିତ ମୃତ୍ୟୁ ହୋଇଛି । ମୃତ୍ୟୁପରେ ମଧ୍ୟ ଦୁଇଜଣ ଦୁନିଆ ଦେଖିବାର ସୁଯୋଗ ପାଇବେ ।

## ୨୦୨୭ ଜନଗଣନା ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ

**କଟକ, ୧୪।୩ (ସମିସ):** ୨୦୨୭ ଜନଗଣନାର ସ୍ୱଚ୍ଛତା ଓ ନିର୍ଭୁଲ ପ୍ରକ୍ରିୟା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ କମଳଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ କରାଯାଉଛି । ୧୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ ହେବ । ଆସନ୍ତା ଏପ୍ରିଲ ୧ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଜିଲ୍ଲାର ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଲିତା ଦତ୍ତ ଓ ଡେପୁଟି କଲେକ୍ଟର, (ଜନଗଣନା) ନୁରି ପରଭିନ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

## ବାବା ଆଖଣ୍ଡଳମଣିଙ୍କ ବାର୍ଷିକୋତ୍ସବ

**ଟାଙ୍ଗୀ,୧୪ ।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀ ହାଡୁଆ ସାହିସ୍ଥିତ ବାବା ଆଖଣ୍ଡଳମଣିଙ୍କ ନବମ ବାର୍ଷିକୋତ୍ସବ ଓ ମହାଯଜ୍ଞ ଆରମ୍ଭ ହୋଇଛି । ଗ୍ରାମବାସୀଙ୍କ ସହଯୋଗରେ ତଥା ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞକାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି । ସ୍ଥାନୀୟ ବାସିନ୍ଦା ଅନନ୍ତ ଚରଣ ନାୟକ ସପତ୍ନୀକ ଗୀତା ନାୟକ କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବାବେଳେ ପବିତ୍ର ମୀନ ସଂକ୍ରାନ୍ତି ଅବସରରେ ରବିବାର ଯଜ୍ଞ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହେବ ବୋଲି ବାର୍ଷିକ ଉତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଲୋକସେବା ଓ ଇତ୍‌ସା ଫାଉଣ୍ଡେସନ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ସାଲେପୁର,୧୪ ।୩(ସମିସ):** ଆଜି ସାଲେପୁର ମଧୁମଣ୍ଡପଠାରେ ଲୋକସେବା ଫାଉଣ୍ଡେସନ୍ ଓ ଇତ୍‌ସା ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଟାଙ୍ଗୀସାଲେପୁର ଲୋକସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡଃ ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶିବିରରେ ହାଇଟେକ୍ ମେଡ଼ିକାଲ ଓ ସଦ୍‌ଗୁରୁ ଆଏ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ବିଭିନ୍ନ ବିଭାଗର ଡାକ୍ତରମାନଙ୍କ ଦ୍ୱାରା ରୋଗୀମାନଙ୍କର ରୋଗର ପରୀକ୍ଷା ନିରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଇତ୍‌ସା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଇତିଶ୍ରୀ ମିଶ୍ର, ଅଧ୍ୟକ୍ଷ ଶାସ୍ତ୍ରୀ ବାହାଦୂର ପ୍ରଧାନ, ସଦ୍‌ଗୁରୁ ମେଡ଼ିକାଲର ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ନିର୍ମଳା ସିଂହ, ରେଣୁବାଳା ରାଉତ, କବିତା ସ୍ୱାଇଁ, ନିର୍ମଳା ବରାଳ, ବନୀତା ସ୍ୱାଇଁ, କବିତା ସ୍ୱାଇଁ, ସନ୍ଧ୍ୟାରାଣୀ ଶତପଥୀ, ସ୍ନେହଲତା ସିଂହ, ଜାନକୀ କାଣ୍ଡି, ବିନତୀ ପ୍ରଧାନ, ଶଶିକାନ୍ତ ମହାନ୍ତି, ମନୋଜ ବିଶ୍ୱାଳଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଏବଂ ହାଇଟେକ୍ ମେଡ଼ିକାଲ କଲେଜ ଓ ସଦ୍‌ଗୁରୁ ହସ୍ପିଟାଲର ପ୍ରାୟ ୧୫ରୁ ଉର୍ଦ୍ଧ୍ୱର୍ ବିଭିନ୍ନ ବିଭାଗର ଡାକ୍ତର ୨୧୧ରୁ ଉର୍ଦ୍ଧ୍ୱର୍ ରୋଗୀମାନଙ୍କର ପରୀକ୍ଷା ନିରୀକ୍ଷା କରି ମାଗଣା ଔଷଧ ବିତରଣ କରିଥିଲେ ।

# ରୋଧପୁରରେ ଇଫ୍‌ତାର ପାର୍ଟି




**ସାଲେପୁର,୧୪ ।୩(ସମିସ):** ରମଜାନ୍ ମାସ ଅବସରରେ ସାଲେପୁର ଅଞ୍ଚଳର ରୋଧପୁର ଜାମା ମସ୍‌ଜିଦ୍ ପରିସରରେ ରୋଧପୁରର ନଜୱାନ୍ କମିଟି ପକ୍ଷରୁ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି । ଏହି ଇଫତାର ପାର୍ଟିରେ ସାଲେପୁର ଅଞ୍ଚଳର କଂଗ୍ରେସ ନେତା ତଥା ଯୁବ ସମାଜସେବୀ ହରିବନ୍ଧୁ ଶତପଥୀ ଯୋଗଦେଇଥିଲେ । ପ୍ରତିବର୍ଷ ପରି ସାଲେପୁର ଅଞ୍ଚଳର ଥିବା ବିଭିନ୍ନ ମନ୍ଦିର କମିଟିର ସଭାପତି ଓ ସଂପାଦକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମସ୍‌ଜିଦ କମିଟିର ସଭାପତି ପରଭେଜ ଅଲ୍ଲୀ, ଗାଁ କମିଟିର ସଭାପତି ଲିୟାକତ ଅଲ୍ଲୀ, ଜାହାଙ୍ଗିର ଅଲ୍ଲୀ, ମୁସ୍ତାକିମ୍ ଅହମ୍ମଦ, ହବିବ ବକ୍ସ, ତବରେଜ ଅଲ୍ଲୀ, ମୋବାରକ୍ ଖାଁ, ଫିରୋଜ ବକ୍ସ, କୁଦରତ୍ ଅଲ୍ଲି, ଜଲିଲ ବକ୍ସ, କାଦିର ଅଲ୍ଲୀ, ଇମତିଆଜ ଅଲ୍ଲୀ, ଜାଭେଦ୍ ଅହମ୍ମଦ, ଜାଉଲ୍ ହସ୍‌ନାନ୍, ନୱେଦ ୱାସିମ୍, ତଫିକ୍ ଇଲାହୀ, ମାଜିଦ୍ ଅହମ୍ମଦ, ରିହାନ୍ ବକ୍ସ, ମଶିଉର ରହେମାନ୍, ମିର୍ଜା ୟାସିରଙ୍କ ସମେତ ବହୁ କର୍ମକର୍ତ୍ତା ପରିଚାଳନା କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ତିଗିରିଆ,୧୪ ।୩(ସମିସ):** ଆଠଗଡ଼ ବ୍ଲକ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ରାଉତଙ୍କ ପୌରୋହିତରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ରୁପେ ଆଠଗଡ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଆଠଗଡ଼ ବନଖଣ୍ଡ ଏସିଏଫ ନୀଳମାଧବ ସାହୁ, ଆଠଗଡ ସାମ୍ବାଦିକ ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତି, ଶିଳ୍ପପତି ସଂଜୀବ ପତ୍ରି, ବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ତଥା ଆଠଗଡ ସାମ୍ବାଦିକ ସଂଘର ସଂପାଦକ ବିଭୂତି ଭୂଷଣ ଖଟୁଆ, ପ୍ରାକ୍ତନ ସମ୍ପାଦକ ଦେବୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସଂପାଦକ ସୁଶାନ୍ତ ସାହୁ ସଂପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରକାଶଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିବେକାନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ସେହିପରି ଚଳିତ ବର୍ଷ କ୍ରୀଡା, ନୃତ୍ୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ରୁପେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନନ୍ଦକିଶୋର ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ କୁମାର ପରିଡା, ବିଦ୍ୟାଳୟର ଗୁରୁଜୀ ଗୁରୁମା କୁମାର ପ୍ରଧାନ, ସ୍ମରଣିକା ଦାସ, ଅହଲ୍ୟା ବେହେରା, କବିତା ବେହେରା, ଅର୍ପିତା ବେହେରା, ସୋନାଲି ସେଠୀ, ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ରାଣା, ପୂର୍ଣ୍ଣିମା ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

# ଦେବରାଜ ଦାସ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



**ତିଗିରିଆ,୧୪।୩(ସମିସ):** ତିଗିରିଆ ବ୍ଲକର ବିଶିଷ୍ଟ ଶିକ୍ଷାବିତ, ରାଜନୀତିଜ୍ଞ, ସମାଜସେବୀ ସ୍ୱର୍ଗତ ଦେବରାଜ ଦାସଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ଦେବରାଜ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ନୂଆପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ପ୍ରକାଶ କୁମାର ଦାସ, ଦୁଇ ପୁତ୍ର ପ୍ରମୋଦ କୁମାର ଦାସ ଓ ପ୍ରତାପ କୁମାର ଦାସ ସକ୍ରିୟ ସଭ୍ୟ ପ୍ରଦୀପ ବର୍ଦ୍ଧନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୋଟ ୯୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଶିବିରରେ ଅତିଥି ଭାବେ ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦତ୍ତ, ପୂର୍ବତନ ସମିତିସଭ୍ୟ ଆଇନଜୀବୀ ସଞ୍ଜୟ କୁମାର କର, ଗ୍ରାମ ମୁରବୀ ଧ୍ରୁବଚରଣ ଦାସ, ରାମଚନ୍ଦ୍ର ବାରିକ, ଜୟକୃଷ୍ଣ ଗୁଇଁ, ପଞ୍ଚାନନ ଦାସ, କୃତିବାସ ରାଉତ, ପ୍ରଭାକର ସାହୁ, କିଶୋରଚନ୍ଦ୍ର ଦାସ, ବଂଶୀଧର କୁଣ୍ଡୁ, ପୀତବାସ ଜେନା, ତ୍ରିଲୋଚନ ବେହେରା, ଦିଲ୍ଲୀପ କୁମାର ଦାସ, ଶ୍ରୀବତ୍ସ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କଟକ ରେଡକ୍ରସ ରକ୍ତ ଭଣ୍ଡାରର ଡାକ୍ତର ଓ ସହଯୋଗୀ ରକ୍ତ ସଂଗ୍ରହ କରିଥିଲେ । ଚଣ୍ଡୀ ବଜାରର ସମ୍ପାଦକ ଧ୍ରୁବଚରଣ ଦାସ, ଦେବରାଜ ମେମୋରିଆଲ ଟ୍ରଷ୍ଟର ଅନ୍ୟାନ୍ୟ ସଦସ୍ୟ, ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ ।

# ରାସ୍ତାରେ ଟ୍ରକ୍; ଅସୁବିଧାରେ ପଥଚାରୀ



**ଟାଙ୍ଗୀ,୧୪ ।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ନିମାଇସାପୁର ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୀର୍ଘ ଦିନ ଧରି ଏକ ଟ୍ରକ ଛିଡ଼ା ହେବା ଦ୍ୱାରା ଟ୍ରାଫିକ ସମସ୍ୟା ଦେଖାଦେଉଛି । ଯାହାଫଳରେ ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ଟାଙ୍ଗୀ ହରିପୁର ରାସ୍ତାରେ ଦୈନିକ ଶତାଧିକ ବସ୍, ଟ୍ରକ, ବାଇକ୍ ସହ ବିଭିନ୍ନ ଗାଡ଼ି ଚଳାଚଳ କରୁଛି । ପେଟ୍ରୋଲ ପମ୍ପ ସମ୍ମୁଖରେ ଉକ୍ତ ଟ୍ରକ୍ ଛିଡ଼ା ହେବା ଦ୍ୱାରା ଛୋଟବଡ ଦୁର୍ଘଟଣା ହେଉଥିବା ଜାଣିବାକୁ ମିଳିଛି । ଦୀର୍ଘଦିନ ଧରି ଟ୍ରକ ଛିଡ଼ା ହେବା ଦ୍ୱାରା ଟ୍ରକର ଟାୟାର ମଧ୍ୟ ନଷ୍ଟ ହେଲାଣି । ଟ୍ରକ ମାଲିକ କି ପୁଲିସ ପ୍ରଶାସନ ଓ ପରିବହନ ବିଭାଗ ଅଣଦେଖା କରୁଥିବା ଅଞ୍ଚଳରେ ଅଭିଯୋଗ ହେଉଛି । ରାସ୍ତା ଉପରୁ ଟ୍ରକ ହଟାଇବା ପାଇଁ ସ୍ଥାନୀୟ ସାମାଜିକ କର୍ମୀ ଅଶୋକ ନାଥ ଓ ସପନପୁର ଗ୍ରାମର ମହେଶ୍ୱର ନାୟକଙ୍କ ସମେତ ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି ।

# ଡ୍ରିମ୍‌ସରେ 'ମୋ ଭାରତ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**କଟକ,୧୪।୩(ସମିସ):** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଆନୁକୂଲ୍ୟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ୫ଦିନ ଧରି ଚାଲିଥିବା 'ମୋ ଭାରତ': ଆନ୍ତରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି । ଡ. ବି.ମୁନିଆଡି ଓ ଡ. ସେନ୍ଥି କୁମାରଙ୍କ ତତ୍ତ୍ୱାବଧାନରେ ତାମିଲନାଡୁ ପ୍ରଦେଶରୁ ୩୨ ଜଣିଆ ଯୁବ ପ୍ରତିନିଧି ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ । ପଦ୍ମିନୀ ଅଡିଟୋରିମ୍‌ରେ ଆୟୋଜିତ ଉଦ୍‌ଯାପନୀ ପର୍ବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଯୁବ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷକ ଅଶୋକ ବେହେରା ସଂଯୋଜନା ଓ ଜିଲା ଯୁବ ଅଧିକାରୀ ନିଖିଲ କୋକୁଲା କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ । ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, 'ଡିନ୍' ଡ. କୁମ୍ଭକର୍ଣ୍ଣ ରାଉତ, ଡ. ପ୍ରଥିମା ପ୍ରକାଶମ୍, ଡ. ବିଶ୍ୱରଂଜନ ମହାନ୍ତି, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ଯୁବ ସଂଯୋଜକ ଗଂଗାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । 'ବିକଶିତ ଭାରତ-୨୦୪୭' ସଂକଳ୍ପର ସଫଳ ରୂପାୟନର ଏହି କାର୍ଯ୍ୟକ୍ରମ ଅଂଶ ବିଶେଷ ଥିଲା । ପ୍ରତ୍ୟେହ ଯୋଗ, ବ୍ୟାୟାମ, ସ୍ୱଚ୍ଛ ଭାରତ ମିଶନରେ କ୍ୟାମ୍ପସ ସଫେଇ, ଖେଳକୁଦ, ନୃତ୍ୟଗୀତ, ପରସ୍ପର ଭାବବିନିମୟ ଏବଂ ଆଲୋଚନାଚକ୍ରରେ ଅଂଶଗ୍ରହଣ ଓ ବୌଦ୍ଧ କୀର୍ତ୍ତିରାଜି ଲଳିତଗିରି ପରିଦର୍ଶନ କରି ପ୍ରତିନିଧି ଦଳ ଓଡିଶାର କଳା, ସଂସ୍କୃତି, ଐତିହ୍ୟ, ଶିକ୍ଷା, ଜୀବନଧାରା ଓ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସଂପର୍କରେ ଅନୁଭୂତି ଆହରଣ କରିଥିଲେ ।

# ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ଅଭିଯୋଗ



**ନିଶ୍ଚିନ୍ତକୋଇଲି,୧୪ ।୩(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୁଳିଆ-ସାନରାଉତପତି ରାସ୍ତାଟି କେନ୍ଦ୍ରାପଡ଼ା କେନାଲ ବାମପାଶ୍ୱର୍ ବନ୍ଧ ଦେଇ ଯାଇଛି । ଏହି ରାସ୍ତାଟି ଅତ୍ୟନ୍ତ କଦର୍ଯ୍ୟ ହୋଇଯାଇଥିବାରୁ ଏହାକୁ ମରାମତି କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲା । ବିଭାଗ ପକ୍ଷରୁ ସିଡବ୍ଲୁଏରେ ୧୫ ଲକ୍ଷ ଟଙ୍କା ମରାମତି କାର୍ଯ୍ୟ କରିବା ପାଇଁ ଅନୁମୋଦନ କରାଯାଇ ଠିକାଦାରଙ୍କୁ କାମ ଦିଆଯାଇଥିଲା; ହେଲେ ଠିକାଦାର ମନମୁଖୀ ଭାବେ ଅତ୍ୟନ୍ତ ନିମ୍ନମାନର ମରାମତି କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି । ଏହି ମରାମତି କାର୍ଯ୍ୟ କେନ୍ଦୁପାଟଣା ବଜାର ପାଖରୁ ଆରମ୍ଭ କରାଯାଇଥିବା ବେଳେ ଆସିଥିବା ସାମଗ୍ରୀଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଏହାକୁ ବ୍ୟବହାର ନକରିବା ପାଇଁ ବିଭାଗ ପକ୍ଷରୁ ତାଗିଦ୍ କରାଯାଇଥିବା ଜଣାଯାଇଛି । ନିୟମାନୁଯାୟୀ ପୂର୍ବରୁ ହୋଇଥିବା ପିଚୁ ରାସ୍ତାକୁ ଭଲ ଭାବରେ ସଫେଇ କରାଯିବା ପରେ ସେଥିରେ ହୋଇଥିବା ଗାତଗୁଡିକୁ ପ୍ରଥମେ ୪୦ ସାଇଜ୍ ମେଟାଲରେ ପୂରଣ କରାଯାଇ ତା'ଉପରେ କାର୍ପେଟ୍ ଓ କାର୍ପେଟ ଉପରେ ସିଲକୋଟ୍ କାର୍ଯ୍ୟ କରିବା କଥା; ହେଲେ ଠିକାଦାର ଜଣକ ଏଭଳି କାର୍ଯ୍ୟ ନକରି ପୁରୁଣା ପିଚୁ ରାସ୍ତା ଉପରେ ବଜୁରି ଓ ପିଚୁ ଗୋଳାଇ ରାସ୍ତାରେ ପକାଉଥିବା ଦେଖାଯାଇଛି । ପକାଯାଇଥିବା ଏହି ପିଚୁ ଖୁବ୍ ଶୀଘ୍ର ଉଠିଯିବାର ଆଶଙ୍କା ପ୍ରକାଶ ପାଇଥିବାରୁ ସ୍ଥାନୀୟ ଅଞ୍ଚଳବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ରାସ୍ତା ମରାମତି କାର୍ଯ୍ୟ କରିବା ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ପାଇଁ ସୂଚନା ଫଳକ ଲଗାଯିବାର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ତାହା ଲଗାଯାଇ ନାହିଁ । ଅପରପକ୍ଷରେ କାର୍ଯ୍ୟ ହେଉଥିବା ବେଳେ ବିଭାଗୀୟ ଅଫିସର କିମ୍ବା କର୍ମଚାରୀ ଉପସ୍ଥିତ ରହୁ ନଥିବାରୁ ମନଇଚ୍ଛା କାର୍ଯ୍ୟ କରାଯାଉଥିବା ଦେଖାଯାଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ରାସ୍ତା କାର୍ଯ୍ୟ କିଭଳି ଠିକ୍ ହେବ ସେନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବ୍ଲକ୍‌ସ୍ତରୀୟ ଉପଭୋକ୍ତା ସଚେତନତା

**ନିଆଳି,୧୪।୩(ସମିସ):** କଟକ ଜିଲ୍ଲା ବୈଧ ମାପ ବିଜ୍ଞାନ ଆନୁକୂଲ୍ୟରେ ଓ ଉତ୍ସବ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ନିଆଳି ବ୍ଲକ କସର୍ଦା ପଞ୍ଚାୟତ କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉତ୍ସର୍ଗର ସଂପାଦିକା ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଆଳି ପଞ୍ଚାୟତସମିତିର ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଆଡଭୋକେଟ୍ ଅନ୍ତର୍ଯ୍ୟାମୀ ବଡୁ, ସମ୍ମାନିତ ଅତିଥି ଭାବେ ବୈଧମାପ ବିଜ୍ଞାନ ନିୟନ୍ତ୍ରକ ଦେବେନ୍ଦ୍ର ମାଝି, ଶିକ୍ଷକ ମଙ୍ଗଳ ପ୍ରସାଦ ମହାପାତ୍ର, ସରପଞ୍ଚ ସୁରେଶ ପଟ୍ଟନାୟକ, ସାମାଜିକ କର୍ମୀ ମନ୍ଦାକିନି ଭଞ୍ଜ, ମିଶନ ଶକ୍ତିର ପଞ୍ଚାୟତ ମହାସଂଘର ସଭାପତି ପ୍ରଭାତି ବେହେରା ଯୋଗ ଦେଇଥିଲେ । ଅଙ୍ଗନବାଡି କର୍ମୀ ରଶ୍ମିବାଳା ମହାପାତ୍ର ଧନ୍ୟବାଦ ଦେଇଥିଲେ । ସୁକାନ୍ତ ପାଇଟାଳ ଓ ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ ସହାୟତା କରିଥିଲେ ।

